# ଆମ ସ୍ୱାୟତ୍ତ ଶାସନ ବ୍ୟବସ୍ଥା



ପ୍ରକାଶକ :

ୱାର୍ଡ
ଗ୍ରାମ - ଖଜୁରୀଆ, ପୋ.ଅ. - ଆକୁଳ, ଭାୟା - ସିରିଗିଡା,
ଜିଲ୍ଲା - କେନ୍ଦୁଝର, ପିନ - ୭୫୮୦୭୬, ଓଡିଶା

## ପଞ୍ଚାୟତିରାଜ ବ୍ୟବସ୍ଥା

ଗଣତନ୍ତ୍ର ହେଉଛି ଲୋକମାନଙ୍କର ଲୋକ ମାନଙ୍କ ପାଇଁ ଏବଂ ଲୋକମାନଙ୍କ ଦ୍ୱାରା । କ୍ଷମତାର ବିକେନ୍ଦ୍ରୀ କରଣ କରି ଲୋକଙ୍କ ହାତରେ ଅଧିକ କ୍ଷମତା ଦେବା ପାଇଁ ପଞ୍ଚାୟତିରାଜ ବ୍ୟବସ୍ଥା ପ୍ରଚଳିତ ହୋଇଛି । ଗାନ୍ଧିଜୀଙ୍କ ଭାଷାରେ ୨୦ଜଣ ବସି ଦିଲ୍ଲୀରେ ଶାସନ କରିବାକୁ ଗଣତନ୍ତ୍ର କୁହାଯାଇ ନ ପାରେ । ଭାରତ ପରି ଏକ ବିଶାଳ ଗ୍ରାମ ବହୁଳ ରାଷ୍ଟ୍ରର ପ୍ରକୃତ କ୍ଷମତା ଲୋକ ମାନଙ୍କ ହାତରେ ରହିବା ଦରକାର । ଯାହାଫଳରେ ଲୋକମାନେ ସେମାନଙ୍କ ସମସ୍ୟାର ସମାଧାନ କରିବା ସହିତ ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ସମ୍ମିଳିତ ଉଦ୍ୟମ କରିପାରିବେ । ଭାରତ ବର୍ଷରେ ସ୍ୱାଧିନତା ସଂଗ୍ରାମ ସମୟରେ ଗାନ୍ଧିଜୀ ଗ୍ରାମସ୍ୱରାଜର ସ୍ଲୋଗାନ ମାଧମରେ ପଞ୍ଚାୟତିରାଜ ବ୍ୟବସ୍ଥାର ସୁଦୃଢ଼ ପାଇଁ ଆହ୍ୱାନ ଦେଇଥିଲେ । ସ୍ୱାଧିନତା ପରେ ସଂବିଧାନ ପ୍ରଣୟନ ସଭାରେ ବହୁ ତର୍କ ବିତର୍କ ପରେ ଏହି ବ୍ୟବସ୍ଥାକୁ ରାଜନୀତିର ନିର୍ଦ୍ଦେଶିତ ନିୟମ ଧାରା ୪୦ରେ ରଖାଗଲା । ଏହି ଧାରାରେ ଉଲ୍ଲେଖ ରହିଲା ଯେ " ରାଷ୍ଟ୍ର ପଞ୍ଚାୟତ ବ୍ୟବସ୍ଥାକୁ ଏପରି କ୍ଷମତା ଓ କର୍ତ୍ତୃତ୍ୱ ପ୍ରଦାନ କରିବ ଯେପରି ଏହା ଏକ ସ୍ୱୟଂ ଶାସିତ ଅନୁଷ୍ଠାନ ଭାବେ କାର୍ଯ୍ୟ କରିପାରିବ ।

## ଗ୍ରାମ ପଞ୍ଚାୟତ

ଗ୍ରାମ ସ୍ତରରେ ଶାସନ ଜରିଆରେ ଗାଁ ଗହଳର ବିକାଶ ପ୍ରକ୍ରିୟାକୁ ଶୃଙ୍ଖଳିତ ଓ ଉନ୍ନତିଶୀଳ କରିବା ପଞ୍ଚାୟତିରାଜର ମୁଖ୍ୟ ଉଦ୍ଦେଶ୍ୟ । ଲୋକସଂଖ୍ୟା ଓ ଭୌଗଳିକ ପରିସୀମାକୁ ନେଇ ପଞ୍ଚାୟତ ଗଠନ କରାଯାଇଥାଏ । ଜିଲ୍ଲାପାଳ ହିଁ ଗ୍ରାମ ପଞ୍ଚାୟତ ଗଠନ କରିଥାନ୍ତି । ଗୋଟିଏ ଗ୍ରାମ ପଞ୍ଚାୟତର ଲୋକ ସଂଖ୍ୟା ସର୍ବନିମ୍ନ ୨୦୦୦ ଏବଂ ସର୍ବାଧିକ ୧୦,୦୦୦ ମଧ୍ୟରେ ହୋଇଥାଏ । ଗ୍ରାମ ପଞ୍ଚାୟତର କାର୍ଯ୍ୟକାଳ ୫ ବର୍ଷ । ଆମ ଓଡିଶାରେ ୬୨୩୪ ଟି ଗ୍ରାମ ପଞ୍ଚାୟତ ରହିଛି । ସରପଞ୍ଚ, ୱାର୍ଡ ମେମ୍ବର ଓ ନାଏବ ସରପଞ୍ଚଙ୍କୁ ନେଇ ଗ୍ରାମ ପଞ୍ଚାୟତ ଗଠନ କରାଯାଇଥାଏ ।

## ୭୩ ତମ ସମ୍ବିଧାନ ସଂଶୋଧନ

୭୩ତମ ସମ୍ବିଧାନ ସଂଶୋଧନ ରାଜନୈତିକ ବାୟୁ ମଣ୍ଡଳରେ ଏକ ବୈପ୍ଳବିକ ପରିବର୍ତ୍ତନ । ଏହି ସମ୍ବିଧାନ ସଂଶୋଧନ ପୂର୍ବରୁ ଦେଶର ସମସ୍ତ କ୍ଷମତା କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ପାଖରେ ନ୍ୟସ୍ତ ଥିଲା । ଯାହାଫଳରେ ଲୋକମାନେ ପ୍ରକୃତ ସୁବିଧା ପାଇବାରୁ ବଞ୍ଚିତ ହେଉଥିଲେ । ଏହି ସମସ୍ୟାର ସମାଧାନ ପାଇଁ ୧୯୯୨ ମସିହା ଡିସେମ୍ବର ୨୨ ତାରିଖରେ ସମ୍ବିଧାନ ସଂଶୋଧନ କରାଯାଇ ଲୋକସଭା ଦ୍ୱାରା ପାସ କରାଗଲା । ଏହାକୁ ୭୩ତମ ସମ୍ବିଧାନ ସଂଶୋଧନ କୁହାଯାଏ । ୧୯୯୩ ମସିହା ଏପ୍ରିଲ ୨ ତାରିଖରେ ରାଷ୍ଟ୍ରପତିଙ୍କ ସମ୍ମତି ପାଇବାପରେ ଏହା ୧୯୯୩ ମସିହା ଏପ୍ରିଲ ୨୪ ତାରିଖ ଠାରୁ ଲାଗୁ କରାଗଲା । ଏହି ଅଧି ନିୟମ ସଂବିଧାନରେ ଭାଗ ୯ ରୂପେ ଯୋଡା ଯାଇଛି ।

## ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା

୭୩ ତମ ସଂବିଧାନ ସଂଶୋଧନ ପରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ଅଧିକ କ୍ଷମତାପ୍ରାପ୍ତ ହୋଇପାରିଛି । ଏହା ପୂର୍ବରୁ ଦ୍ୱିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ପ୍ରଚଳିତ ଥିଲା । ଏହା ଗ୍ରା.ପ. ଓ ପଞ୍ଚାୟତ

ସମିତିକୁ ନେଇ ଗଠିତ ହୋଇଥିଲା । ମାତ୍ର ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ଜିଲ୍ଲା ପରିଷଦକୁ ମଧ୍ୟ ସାମିଲ କରାଗଲା । ସଂବିଧାନରେ ଧାରା ୨୪୩ (ଖ) ଅନୁସାରେ ପ୍ରତି ରାଜ୍ୟରେ ତ୍ରିସ୍ତରୀୟ ପଞ୍ଚାୟତରାଜ ବ୍ୟବସ୍ଥା ପ୍ରଚଳନ ପାଇଁ ବ୍ୟବସ୍ଥା କରାଯାଇଛି । ୭୩ ତମ ସଂବିଧାନ ସଂଶୋଧନ ପରେ ୧୯୯୭-୨୦୦୨ ମସିହାରେ ନିର୍ବାଚିତ ପଞ୍ଚାୟତ ପ୍ରତିନିଧି ମାନଙ୍କର ଏକ ତୁଳନାତ୍ମକ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

| | ୧୯୯୭ | ୨୦୦୨ |
|---|---|---|
| ଗ୍ରା. ପ. ସଂଖ୍ୟା | ୫,୨୫୫ | ୬,୨୩୪ |
| ପଞ୍ଚାୟତ ସମିତି | ୩୧୪ | ୩୧୪ |
| ଜିଲ୍ଲା ପରିଷଦ | ୩୦ | ୩୦ |
| ତ୍ରିସ୍ତରୀୟ ପ.ରା. ଅନୁଷ୍ଠାନର ମୋଟ ନିର୍ବାଚିତ ସଭ୍ୟ / ସଭ୍ୟା | ୯୨,୪୫୨ | ୧,୦,୮୬୨ |
| ତଫସିଲ ଭୁକ୍ତ ଜାତି | ୧୫,୬୩୬ | ୧୬,୩୦୭ |
| ତଫସିଲ ଭୁକ୍ତ ଜନ ଜାତି | ୨୨,୮୫୬ | ୨୬,୧୩୬ |
| ମହିଳା | ୩୦,୮୧୭ | ୩୪,୮୩୧ |

୨୦୦୨ ମସିହା ସାଧାରଣ ନିର୍ବାଚନ ପରେ କେତେକ ବିଶେଷ ପଦକ୍ଷେପ ସରକାର ନେଇଛନ୍ତି

ସେଗୁଡ଼ିକ ହେଲା :-

- ତଫସିଲଭୁକ୍ତ ଅଞ୍ଚଳରେ ସମସ୍ତ ଅଧ୍ୟକ୍ଷ ପଦବୀ ତଫସିଲଭୁକ୍ତ ଜନଜାତିଙ୍କ ପାଇଁ ସଂରକ୍ଷଣ କରାଯାଇଛି ।
- ପ୍ରତି ବ୍ଲକ୍ ରେ ସହକାରୀ ଯନ୍ତ୍ରୀ ନିଯୁକ୍ତି ।
- ପ୍ରତି ଗ୍ରା.ପ. ରେ କାର୍ଯ୍ୟ ନିବାହୀ ଅଧିକାରୀ ନିଯୁକ୍ତି ।
- ପ୍ରତି ବ୍ଲକ୍ ଓ ଡି.ଆର.ଡି.ଏ. ଗୁଡିକର କାର୍ଯ୍ୟ କମ୍ପ୍ୟୁଟର ସାହାଯ୍ୟରେ କରିବା ପାଇଁ ପ୍ରତ୍ୟେକ ବ୍ଲକ୍ କୁ ୨ ଗୋଟି କଂପୁଟର ଯୋଗାଇ ଦେବାପାଇଁ ଆବଶ୍ୟକୀୟ ପଦକ୍ଷେପ ନିଆଯାଇଛି ।
- ୧୧ଟି ବିଭାଗର ୨୧ଟି ବିଷୟ ପଞ୍ଚାୟତିରାଜ ଅନୁଷ୍ଠାନକୁ ହସ୍ତାନ୍ତର କରାଯାଇଛି ।




## ତ୍ରିସ୍ତରୀୟ ପଞ୍ଚାୟତିରାଜର କ୍ଷମତା

- କେନ୍ଦ୍ରରେ ଲୋକସଭା ଓ ରାଜ୍ୟରେ ବିଧାନ ସଭା ପରି ତ୍ରିସ୍ତରୀୟ ପଞ୍ଚାୟତିରାଜର କାର୍ଯ୍ୟକାଳ ୫ ବର୍ଷ ଧାର୍ଯ୍ୟ କରାଯାଇଛି ।
- ତ୍ରିସ୍ତରୀୟ ଶାସନ ବ୍ୟବସ୍ଥାରେ ମହିଳା ମାନଙ୍କ ପାଇଁ ୩୩ ଭାଗ ସ୍ଥାନ ସଂରକ୍ଷଣ କରାଯାଇଛି ।
- ତଫସିଲଭୁକ୍ତ ଜାତି ଓ ଜନଜାତି ମାନଙ୍କ ପାଇଁ ଜନସଂଖ୍ୟା ଅନୁପାତରେ ଆସନ ସଂରକ୍ଷିତ କରାଯାଇଛି ।
- ପ୍ରତି ରାଜ୍ୟରେ ପଞ୍ଚାୟତର ତ୍ରିସ୍ତରୀୟ ନିର୍ବାଚନ ନିମନ୍ତେ ଏକ ନିର୍ବାଚନ କମିଶନ ଗଠନ କରାଯାଇଛି ।
- ପ୍ରତ୍ୟେକ ରାଜ୍ୟରେ ଏକ ସ୍ୱତନ୍ତ୍ର ଅର୍ଥ କମିଶନ ଗଠନ କରାଯାଇଛି ।

( ରାଜ୍ୟର ମୋଟ ଆୟରୁ କେତେଭାଗ ଅନୁଦାନ ପଞ୍ଚାୟତ ଅନୁଷ୍ଠାନ ପାଇବେ ତାହା ଏହି ସ୍ୱତନ୍ତ୍ର ଅର୍ଥକମିଶନ ନିଷ୍ପତ୍ତି ନେବେ ।)

**ତ୍ରିସ୍ତରୀୟ ପଞ୍ଚାୟତ ଶାସନ**
**ମହିଳା ମାନଙ୍କୁ ଦେଇଛି ସ୍ଥାନ**

## ପଲ୍ଲୀସଭା

ଶାସନ ବ୍ୟବସ୍ଥାରେ ପଲ୍ଲୀସଭାର ଗୁରୁତ୍ୱ ପୂର୍ଣ୍ଣ ଭୂମିକା ରହିଛି । ଗ୍ରାମ ପଞ୍ଚାୟତରେ ଅଧିକ ଲୋକଙ୍କ ଯୋଗଦାନକୁ ସୁନିଶ୍ଚିତ କରିବାପାଇଁ ପଲ୍ଲୀସଭା ଗଠନ କରାଯାଇଛି । ଜିଲ୍ଲାପାଳ ପଲ୍ଲୀସଭା ଗଠନ କରିଥାନ୍ତି । ଗ୍ରାମରେ ଥିବା ପ୍ରତ୍ୟେକ ରେଭିନ୍ୟୁ ମୌଜା ପାଇଁ ପଲ୍ଲୀସଭା ଗଠନ କରାଯାଇଛି । କିନ୍ତୁ କେତୋଟି ୱାର୍ଡକୁ ନେଇ ଗୋଟିଏ ରେଭିନ୍ୟୁ ମୌଜା ଗଠିତ ହୋଇଥିଲେ, ସେଠାରେ ଗୋଟିଏ ମାତ୍ର ପଲ୍ଲୀସଭା ଗଠିତ ହେବ ।

**ମନେ ରଖନ୍ତୁ :-** ଉକ୍ତ ୱାର୍ଡଟି ଏକାଧିକ ରେଭିନ୍ୟୁ ମୌଜା ବିଶିଷ୍ଟ ହୋଇଥିଲେ ସେଠାରେ ଏକାଧିକ ପଲ୍ଲୀସଭା ଗଠିତ ହେବନାହିଁ । ସଂପୃକ୍ତ ପଲ୍ଲୀସଭା ଅଂଚଳର ଭୋଟର ତାଲିକାରେ ନାମ ଥିବା ସମସ୍ତ ମହିଳା ଓ ପୁରୁଷ ପଲ୍ଲୀସଭାର ସଭ୍ୟ ଅଟନ୍ତି ।

## ବୈଠକ

- ପଲ୍ଲୀସଭାର ସାଧାରଣ ବୈଠକ ଗ୍ରା. ପ. ଡକାଇଥାଏ । ପ୍ରତି ବର୍ଷ ଫେବୃଆରୀ ମାସରେ ଏହି ବୈଠକ ବସିବ । ବୈଠକ ବସିବାର ୬ ମାସ ପୂର୍ବରୁ ଏହାର ତାରିଖ ଓ ସ୍ଥାନ ନିରୂପଣ କରାଯିବ ।
- ପଲ୍ଲୀସଭାରେ ୱାର୍ଡମେମ୍ବର ସଭାପତିତ୍ୱ କରିଥାନ୍ତି ।
- ଯଦି କୌଣସି କାରଣରୁ ୱାର୍ଡମେମ୍ବର ଅନୁପସ୍ଥିତ ରହନ୍ତି ସେଠାକାର ଲୋକେ ଖୋଲା ଭୋଟ ଦ୍ୱାରା ସେମାନଙ୍କ ମଧ୍ୟରୁ ଜଣକୁ ସଭାପତି ଭାବରେ ବାଛି ପାରିବେ ।
- ଗ୍ରା. ପ. ଦ୍ୱାରା ସ୍ଥିର ହୋଇଥିବା ପଲ୍ଲୀସଭାର ବୈଠକ ସଂପୃକ୍ତ ଅଂଚଳର ଏକ ସର୍ବ ସାଧାରଣ ସ୍ଥାନରେ ବସିବ ଏବଂ ଏହି ବୈଠକର ତାରିଖ, ସ୍ଥାନ ଓ ସମୟ ତଥା ଆଲୋଚ୍ୟ ବିଷୟ ବସ୍ତୁ ସଂପର୍କରେ ପଲ୍ଲୀସଭା ଅଂଚଳରେ ଡେଙ୍ଗୁରା ବାଡେଇ ଜଣାଇ ଦିଆଯିବ ।
- ଗ୍ରା. ପ. ତରଫରୁ ହେଉ କିମ୍ବା ପଲ୍ଲୀସଭା ସଭ୍ୟ ମାନଙ୍କର ଅନ୍ୟୁନ ଏକ ପଞ୍ଚମାଂଶ ସଭ୍ୟ/ସଭ୍ୟାଙ୍କର ଲିଖିତ ଆବେଦନ ଯୋଗୁଁ ପଲ୍ଲୀସଭାର ଏକ ସ୍ୱତନ୍ତ୍ର ବୈଠକ ବସାଇବାକୁ ପଡେ; ସେହି ବୈଠକର ତାରିଖ, ସ୍ଥାନ ଓ ଆଲୋଚ୍ୟ ବିଷୟ ବସ୍ତୁ ବୈଠକର ୧୫ ଦି ପୂର୍ବରୁ ଗ୍ରା. ପ.ଦ୍ୱାରା ସ୍ଥିର କରାଯିବ ।
- ପଲ୍ଲୀସଭା ବୈଠକରେ ଆଲୋଚନା ହୋଇଥିବା ସମସ୍ତ ବିଷୟ ସଂଖ୍ୟାଧିକ ଭୋଟ ଦ୍ୱାରା ଗୃହୀତ କରାଯିବ । ଯଦି ସମାନ ଭୋଟ ହୁଏ, ତେବେ ସଭାପତି ତାଙ୍କର ଅତିରିକ୍ତ ଭୋଟଟି ଦେଇ ସେହି ସମସ୍ୟାର ସମାଧାନ କରି ପାରିବେ ।
- ପଲ୍ଲୀସଭାର କାର୍ଯ୍ୟ ବିବରଣୀ ବୈଠକ ନିମନ୍ତେ ଉଦିଷ୍ଟ ଏକ ଖାତାରେ ଓଡିଆରେ ଲେଖାଯିବ ଏବଂ ବୈଠକର ସଭାପତି ଏଥିରେ ଦସ୍ତଖତ କରିବେ । ଏହାକୁ ସର୍ବସାଧାରଣ ଚାହିଁଲେ ଦେଖିପାରିବେ ।
- ପ୍ରତ୍ୟେକ ବର୍ଷ ଫେବୃୟାରୀ ମାସରେ ବସୁଥିବା ପଲ୍ଲୀସଭା ନିମ୍ନ ଲିଖିତ ୨ଟି ବିଷୟରେ ତା'ର ସୁପାରିଶ ଗ୍ରା. ପ. କୁ ପଠାଇଥାଏ । ଯଥା -

(କ) ଆସନ୍ତା ବର୍ଷରେ କେଉଁ ପ୍ରକାର ଉନ୍ନୟନ ମୂଳକ କାର୍ଯ୍ୟ କିମ୍ବା ଯୋଜନା ଗୁଡିକ ଗ୍ରହଣ କରାଯିବ ।

(ଖ) ଗ୍ରା. ପ. ଦ୍ୱାରା ବାର୍ଷିକ ବଜେଟ ଅଟକଳ ଉପରେ ଆଲୋଚନା ।



ଯୋଜନା କରିବା ପଲ୍ଲୀ ସଭାରେ
ଶାସନ ରଖିବା ଆମ ହାତରେ
୭୩ ତମ ସମ୍ବିଧାନର ଆଙ୍ଗୁଳା ଧରି
ଆମରି ନାଆରେ ଆମେ ନାଉରୀ ।

## ଗ୍ରାମସଭା

ଗ୍ରାମ ସଭା କହିଲେ ଗ୍ରା. ପ. ଅଞ୍ଚଳ ମଧ୍ୟରେ ଥିବା ପ୍ରତ୍ୟେକ ଗ୍ରାମ ଗୁଡିକରେ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ଲୋକଙ୍କର ସଂଘକୁ ବୁଝାଯାଏ । ଗ୍ରାମର ଭୋଟର ତାଲିକାରେ ଥିବା ସମସ୍ତ ପ୍ରାପ୍ତ ବୟସ୍କ ବ୍ୟକ୍ତି ଗ୍ରାମ ସଭା ବୈଠକରେ ଯୋଗ ଦେବାର ଅଧିକାର ରହିଛି । ପ୍ରତ୍ୟେକ ବ୍ୟକ୍ତି ନିଜ ପ୍ରଶାସନରେ ନିଜେ ମୁଖ୍ୟ ହେବା ପାଇଁ ଗ୍ରାମ ସଭା ଏକ ପ୍ରଭାବଶାଳୀ ମାଧ୍ୟମ । ଗ୍ରାମ ସଭା ବିନା ପଞ୍ଚାୟତର କିଛି ମୂଲ୍ୟ ନାହିଁ ।

## ଗ୍ରାମ ସଭାର ବୈଠକ

ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ଗ୍ରାମ ସଭାର ବୈଠକ ପାଇଁ ତାରିଖ, ସ୍ଥାନ ଓ ସମୟ ଠିକ କରିବା ସରପଞ୍ଚଙ୍କ ଦାୟିତ୍ୱ । ଗ୍ରାମ ସଭାର ବାର୍ଷିକ ଓ ଷାଣ୍ମାସିକ ବୈଠକ ଯଥାକ୍ରମେ ଫେବୃୟାରୀ ଓ ଜୁନ ମାସରେ ବସିଥାଏ । ଆବଶ୍ୟକ ହେଲେ, ଅଧିକ ସଂଖ୍ୟକ ଗ୍ରାମ ସଭା ଡକାଯାଇପାରିବ ।

- ସରକାରଙ୍କ ଦ୍ୱାରା କ୍ଷମତା ପ୍ରାପ୍ତ ସରପଞ୍ଚ, ଜିଲ୍ଲାପାଳ କିମ୍ବା ଯେ କୌଣସି ବ୍ୟକ୍ତି ଦରକାର ପଡିଲେ ଗ୍ରାମ ସଭାର ବୈଠକ ଡାକି ପାରିବେ । ସରପଞ୍ଚଙ୍କ ଅନୁମତି ପାଇବା ପରେ, ସଂପାଦକ ଉକ୍ତ ବୈଠକ ପାଇଁ ନୋଟିସ ଦେବେ ।
- ଗ୍ରାମସଭାର ବୈଠକ ପାଇଁ ଅନ୍ତତଃ ୧୫ ଦିନ ପୂର୍ବରୁ ନୋଟିସ ଦିଆଯାଇଥାଏ ଏବଂ ନୋଟିସର ଏକ କପି ବି.ଡି.ଓ. ଙ୍କ ପାଖକୁ ପଠାଯିବ ।
- ଗ୍ରାମସଭା ବୈଠକ ପାଇଁ ନୋଟିସ ଗାଁର ବିଭିନ୍ନ ସ୍ଥାନରେ ଟଙ୍ଗାଇ ଦିଆଯିବା ସହିତ ଡେଙ୍ଗୁରା ମାଧମରେ ପ୍ରଚାର କରାଯିବ ।
- ଗ୍ରାମ ସଭାର ମୋଟ ସଭ୍ୟ ମାନଙ୍କ ମଧ୍ୟରୁ ୧୦ ଭାଗରୁ ଏକ ଭାଗ ସଭ୍ୟ ଉପସ୍ଥିତ ଥିଲେ ବୈଠକର କୋରମ ହେବ । ଗ୍ରାମସଭା ବୈଠକର ଯଦି କୋରମ ନ ହୁଏ ତେବେ ସରପଞ୍ଚ କିମ୍ବା ବୈଠକର ସଭାପତିଙ୍କ ମତାମତ ଅନୁସାରେ ବୈଠକକୁ ଅନ୍ୟ ଦିନକୁ ସ୍ଥଗିତ ରଖାଯାଇପାରିବ । ଏହି ସ୍ଥଗିତ ରଖିଥିବା ବୈଠକ ପୁଣିଥରେ ବସିବା ପାଇଁ ଅତି କମରେ ୩ ଦିନ ପୂର୍ବରୁ ନୋଟିସ ଦିଆଯିବ । ଏହି ବୈଠକ ବିନା କୋରମ ରେ ମଧ ବସିପାରିବ ।
- ଗ୍ରାମ ସଭାରେ ସରପଞ୍ଚ ସଭାପତିତ୍ୱ କରିଥାନ୍ତି ।
- ଗ୍ରାମ ସଭାର ବୈଠକରେ ଆଲୋଚିତ ପ୍ରସଙ୍ଗ ଗୁଡିକ ସଂଖ୍ୟାଧିକ ଭୋଟ ଦ୍ୱାରା ସ୍ଥିର କରାଯାଏ । ଯଦି ସମାନ ଭୋଟ ହୁଏ ତେବେ, ବୈଠକରେ ସଭାପତିଙ୍କ ଅତିରିକ୍ତ ଭୋଟ ଦ୍ୱାରା ସମସ୍ୟାର ସମାଧାନ କରାଯାଇଥାଏ ।
- ଗ୍ରାମ ସଭାର ବୈଠକ ଫେବୃୟାରୀ ଓ ଜୁନ ମାସ ବ୍ୟତୀତ ଆବଶ୍ୟକତା ଅନୁଯାଇ ଅନ୍ୟାନ୍ୟ ବୈଠକ ସାଧାରଣତଃ ଜାନୁୟାରୀ ୨୬, ମେ ୫, ଅଗଷ୍ଟ ୧୫ ଓ ଅକ୍ଟୋବର ୨ ତାରିଖରେ ବସିଥାଏ ।

## କାର୍ଯ୍ୟକଳାପ

* ପ୍ରତ୍ୟେକ ଫେବୃୟାରୀ ମାସରେ ଅନୁଷ୍ଠିତ ହୋଇଥିବା ଗ୍ରାମସଭା ବୈଠକରେ ଆଗାମୀ ବର୍ଷ ପାଇଁ ଗ୍ରା. ପ. ର କାର୍ଯ୍ୟମାନ ଠିକ କରାଯାଇଥାଏ । ଚଳିତ ବର୍ଷ କି କି କାର୍ଯ୍ୟକ୍ରମ ମାନ ହାତକୁ ନିଆଯିବ ଓ ଗ୍ରା. ପ. ର ବାର୍ଷିକ ବଜେଟ ଏଥିରେ ବିଚାର କରାଯାଇଥାଏ ।

* ପ୍ରତିବର୍ଷ ଜୁନ ମାସରେ ଅନୁଷ୍ଠିତ ହୋଇଥିବା ଗ୍ରାମ ସଭା ବୈଠକରେ ଗ୍ରା. ପ. ଗ୍ରହଣ କରିଥିବା କାର୍ଯ୍ୟକ୍ରମ କେତେଦୂର ଆଗେଇଛି, ସେ ସବୁର ବିଚାର ଆଲୋଚନା କରାଯାଏ ।

* ଗ୍ରାମସଭା ବୈଠକରେ ଟିକସ ହାର ଖଜଣା ଓ ଫିସ ଧାର୍ଯ୍ୟ ବା କୃଷିଜାତ ଫସଲ ଉପରେ କୌଣସି ଯୋଜନା ତିଆରି ସମ୍ବନ୍ଧରେ ବିଚାର ଆଲୋଚନା କରାଯାଇଥାଏ ।

* ଗ୍ରାମ ସଭା ବୈଠକରେ ଗ୍ରା.ପ.ର କାର୍ଯ୍ୟକଳାପକୁ ନିର୍ବାହ କରାଯାଏ ଓ ସଭାର କାର୍ଯ୍ୟ ବିବରଣୀ ମାନ ନିର୍ଦ୍ଦିଷ୍ଟ ସମୟରେ ରକ୍ଷଣା ବେକ୍ଷଣ କରାଯାଇଥାଏ ।

* ଏହି ବୈଠକର କାର୍ଯ୍ୟ ବିବରଣୀକୁ ଉପସ୍ଥିତ ସଦସ୍ୟ / ସଦସ୍ୟା ମାନେ ଦସ୍ତଖତ କରିବାପରେ ଏହାକୁ ଚୁଡାନ୍ତ ବୋଲି ଧରାଯାଇଥାଏ ।



ଭୋଟର ଭାଇ ଭଉଣୀ ଏକ ହୋଇବା
ଗ୍ରାମ ସଭାରେ ଯୋଗଦାନ କରିବା
ଆମ ଯୋଜନା ଆମେ କରିବା
ଦୁର୍ନୀତି ଶୋଷଣ ବନ୍ଦ କରିବା ।

## ପଞ୍ଚାୟତ ସମିତି

ଭାରତୀୟ ସମ୍ବିଧାନ ବ୍ୟବସ୍ଥାରେ ପଞ୍ଚାୟତ ସମିତି ଗୁଡିକ ରାଜ୍ୟରେ ପ୍ରଚଳିତ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାର ମଧ୍ୟମ ସ୍ତର ଅଟେ । ଆମ ରାଜ୍ୟ ଓଡିଶାରେ ୩୧୪ଟି ବ୍ଲକ୍ ବା ପଞ୍ଚାୟତ ସମିତି ରହିଛି । ପଞ୍ଚାୟତ ସମିତି ଗୁଡିକର କ୍ଷମତା ଓ କାର୍ଯ୍ୟ ପରିସରକୁ ନେଇ ଆମ ରାଜ୍ୟରେ ୧୯୫୯ ମସିହାରେ ଓଡିଶା ପଞ୍ଚାୟତ ସମିତି ଆଇନ ପ୍ରଚଳିତ ଅଛି । ଏହି ଆଇନରେ ପ୍ରଦତ୍ତ କ୍ଷମତା ବଳରେ ରାଜ୍ୟ ସରକାର ପଞ୍ଚାୟତ ସମିତି କାର୍ଯ୍ୟକୁ ସୁଚାରୁ ରୂପେ ସମ୍ପାଦନ କରିବା ପାଇଁ କେତେ ଗୁଡିଏ ନିୟମ ପ୍ରଣୟନ କରିଛନ୍ତି । ଉକ୍ତ ନିୟମାବଳୀ ଗୁଡିକ ମଧ୍ୟରେ ଆୟ, ବ୍ୟୟ ହିସାବ ପରିଚାଳନା ସ୍ଥାୟୀ କମିଟି ଗଠନ ଓ ନିର୍ବାଚନ ମୁଖ୍ୟ ଅଟେ ।

## ପଞ୍ଚାୟତ ସମିତିର କାର୍ଯ୍ୟକାଳ

ପଞ୍ଚାୟତ ଅନୁଷ୍ଠାନ ମାନଙ୍କରେ ନିୟମିତ ନିର୍ବାଚନ କରିବା ଏବଂ ନିର୍ବାଚିତ ପ୍ରତିନିଧି ମାନଙ୍କୁ କ୍ଷମତା ହସ୍ତାନ୍ତର କରିବା ୭୩ ତମ ସଂବିଧାନ ସଂଶୋଧନର ମୂଳ ଲକ୍ଷ୍ୟ । ପଞ୍ଚାୟତ ସମିତିର କାର୍ଯ୍ୟକାଳ ୫ ବର୍ଷ ଏବଂ ଏହି କାର୍ଯ୍ୟକାଳ ସୀମା ଅତିବାହିତ ହେବା ପୂର୍ବରୁ ନିର୍ବାଚନ ସରିଥିବା ଆବଶ୍ୟକ । କୌଣସି କ୍ଷେତ୍ରରେ ପଞ୍ଚାୟତ ସମିତି ମାନଙ୍କୁ ତାଙ୍କ କାର୍ଯ୍ୟକାଳ ପୂରିବା ପୂର୍ବରୁ ବିଘଟନ କରାଯାଇ ପାରିବ ନାହିଁ ।

## କ୍ଷମତା ଓ କାର୍ଯ୍ୟ

- ପଞ୍ଚାୟତ ସମିତିର ୨୦(୧) ଧାରାରେ ପଞ୍ଚାୟତ ସମିତି ମାନଙ୍କର କ୍ଷମତା ଓ କାର୍ଯ୍ୟ ପରିସର ଲିପିବଦ୍ଧ ହୋଇ ରହିଛି । ଏହାଛଡା ଆବଶ୍ୟକ ସ୍ଥଳେ ପଞ୍ଚାୟତ ସମିତି ଦ୍ୱାରା ସମ୍ପାଦିତ ହେବାପାଇଁ ଯେଉଁ ଯୋଜନା ଗୁଡିକ ରାଜ୍ୟ ସରକାର ନିର୍ଦ୍ଦେଶ ଦେବେ ତାହା ପଞ୍ଚାୟତ ସମିତି ମାନେ ସମ୍ପାଦିତ କରିବେ।
- ଡିସେମ୍ବର ୨୨ , ୧୯୯୭ ରେ ଓଡିଶା ସରକାରଙ୍କର ପଞ୍ଚାୟତ ସମିତି ସଂଶୋଧିତ ନିୟମ ଅନୁଯାୟୀ ସାମାଜିକ କ୍ଷେତ୍ରରେ କାମ କରୁଥିବା ସମସ୍ତ ସଂସ୍ଥା ଏହାର କର୍ମକର୍ତ୍ତାଙ୍କ ଉପରେ ସମିତିର ନିୟନ୍ତ୍ରଣ ରହିବ । ଆବଶ୍ୟକ ହେଲେ ଗ୍ରାମ ଶାସନ ସହିତ ପରାମର୍ଶ କରିବେ ।

## ଜିଲ୍ଲା ପରିଷଦ

ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ରାଜ୍ୟରେ ପ୍ରଚଳିତ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ଜିଲ୍ଲା ସ୍ତରୀୟ ପଞ୍ଚାୟତକୁ ଜିଲ୍ଲା ପରିଷଦ କୁହାଯାଏ । ଆମ ରାଜ୍ୟରେ ପ୍ରତି ଜିଲ୍ଲା ପାଇଁ ଗୋଟିଏ ଜିଲ୍ଲା ପରିଷଦ ଗଠିତ ହୋଇଛି । ଜିଲ୍ଲା ସ୍ତରରେ ଉନ୍ନୟନ ମୂଳକ କାର୍ଯ୍ୟ ଗୁଡିକୁ ପରିଚାଳନା କରିବା ପାଇଁ ଜିଲ୍ଲା ପରିଷଦ ଏକ ସ୍ୱାୟତ୍ତ ଶାସନ ସଂସ୍ଥା ଅଟେ ।

## ଜିଲ୍ଲା ପରିଷଦଙ୍କ କ୍ଷମତା ଓ ଦାୟିତ୍ୱ

୧୯୯୭ ମସିହା ଡିସେମ୍ବର ୨୨ ରେ ଓଡିଶା ସରକାରଙ୍କ ଜିଲ୍ଲା ପରିଷଦ ସଂଶୋଧିତ ନିୟମ ଅନୁଯାୟୀ ଜିଲ୍ଲା ପରିଷଦର ମୁଖ୍ୟ କ୍ଷମତା ମଧ୍ୟରେ :--

* ଗୌଣ ଖଣିଜ ପଦାର୍ଥର ଖଣି ଖୋଳିବା, ପଟ୍ଟା ନେବା ବା ନିଲାମ ନେବା ପୂର୍ବରୁ ଜିଲ୍ଲା ପରିଷଦର ଅନୁମତି ଆବଶ୍ୟକ ।
* କୌଣସି ଯୋଜନା ନିମନ୍ତେ ଜମି ନେବା ଆଗରୁ ପରିଷଦର ଅନୁମତି ଆବଶ୍ୟକ ।
* କ୍ଷୁଦ୍ର ଜଳ ଭଣ୍ଡାର ଗୁଡିକ ପାଇଁ ଯୋଜନା ଓ ପରିଚାଳନା ପ୍ରସ୍ତୁତି କରିବା ।

## ସରପଞ୍ଚଙ୍କ କ୍ଷମତା ଓ କର୍ତ୍ତବ୍ୟ

ସ୍ୱ ଶାସନ ବ୍ୟବସ୍ଥାରେ କ୍ଷମତାର ବିକେନ୍ଦ୍ରୀ କରଣ ହୋଇଛି । ସରପଞ୍ଚ ହେଉଛନ୍ତି, ଗ୍ରାମ ଶାସନ ବା ଗ୍ରାମ ପଞ୍ଚାୟତରେ ମୁଖ୍ୟ ଓ କ୍ଷମତା ଧାରୀ। ସେଥିପାଇଁ ସଂବିଧାନରେ ସରପଞ୍ଚଙ୍କ କ୍ଷମତା, ଦାୟିତ୍ୱ ଓ କର୍ତ୍ତବ୍ୟ କ'ଣ ତାହା ସ୍ପଷ୍ଟ କରାଯାଇଛି ।

* ସଂବିଧାନର ଦଫା ୧୯ ରେ ଆଇନ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ଗ୍ରାମ ପଞ୍ଚାୟତର ପ୍ରଶାସନିକ କ୍ଷମତା ସରପଞ୍ଚଙ୍କୁ ଦିଆଯାଇଛି ।
* ସରପଞ୍ଚ ଗ୍ରା. ପ. ର ବୈଠକ ଡକାଇଥାନ୍ତି । ସେ ଏହି ବୈଠକରେ ସଭାପତିତ୍ୱ କରିବା ସହିତ ବୈଠକକୁ ପରିଚାଳନା ଏବଂ କାର୍ଯ୍ୟ ବିବରଣୀ ସଠିକ ଭାବରେ ଲିପିବଦ୍ଧ କରି ରଖିବାର ଦାୟିତ୍ୱ ନେଇଥାନ୍ତି ।
* ଗ୍ରାମ ପଞ୍ଚାୟତ ତରଫରୁ ଚୁକ୍ତିପତ୍ର ସଂପାଦନ କରିଥାନ୍ତି ।
* ଗ୍ରାମ ପଞ୍ଚାୟତର ପ୍ରତ୍ୟେକ ରେକର୍ଡ, ମୂଲ୍ୟବାନ ସିକ୍ୟୁରିଟି, ତଥା ଗ୍ରା.ପ. ଉପରେ ନ୍ୟସ୍ତ କରାଯାଇଥିବା ଏବଂ ନିୟନ୍ତ୍ରଣରେ ଥିବା ସମସ୍ତ ସମ୍ପତ୍ତି ଓ ଆସବାବପତ୍ରର ଉପଯୁକ୍ତ ରକ୍ଷଣା ବେକ୍ଷଣା ପାଇଁ ଦାୟୀ ରହିଥାନ୍ତି ।
* ଗ୍ରାମ ପଞ୍ଚାୟତର ପ୍ରତ୍ୟେକ ହିସାବ ଓ ବିବରଣୀ ପ୍ରସ୍ତୁତ କରିବେ ।
* ଗ୍ରାମ ପଞ୍ଚାୟତ ଅଧିନରେ ଥିବା ସମସ୍ତ ସରକାରୀ ତଥା ବେସରକାରୀ କର୍ମୀଙ୍କ କାର୍ଯ୍ୟକୁ ତଦାରଖ କରିପାରିବେ ।
* ଗ୍ରା. ପ. ତରଫରୁ ବିଧିବଦ୍ଧ ଭାବରେ ଆବଶ୍ୟକୀୟ ଚିଠି ପତ୍ର ଆଦାନ ପ୍ରଦାନ କରିପାରିବେ ।
* ଗ୍ରାମ ସଭା ବୈଠକରେ ସଭାପତିତ୍ୱ କରିବେ ।

## ନାଏବ ସରପଞ୍ଚଙ୍କ କ୍ଷମତା ଓ କର୍ତ୍ତବ୍ୟ

* ସଂବିଧାନର ଦଫା ୨୧ରେ ନାଏବ ସରପଞ୍ଚଙ୍କ ପାଇଁ ପ୍ରଶାସନିକ କ୍ଷମତା ଓ କର୍ତ୍ତବ୍ୟ ଅର୍ପଣ କରାଯାଇଛି

* ନାଏବ ସରପଞ୍ଚ, ସରପଞ୍ଚଙ୍କ ଠାରୁ ଯେଉଁ କ୍ଷମତା ଦାୟିତ୍ୱ ଏବଂ କର୍ତ୍ତବ୍ୟ ତୁଲାଇବା ପାଇଁ ଲିଖିତ ଭାବରେ ନିର୍ଦ୍ଦେଶ ପାଇଥିବେ ସେଗୁଡିକ ତୁଲାଇବେ ।

* ସରପଞ୍ଚ ପଦ ଖାଲି ପଡିଲେ ବା ଆଉ ଜଣେ ସରପଞ୍ଚ ନିର୍ବାଚିତ ହେବା ପର୍ଯ୍ୟନ୍ତ ନାଏବ ସରପଞ୍ଚ, ସରପଞ୍ଚଙ୍କ କ୍ଷମତା ପ୍ରୟୋଗ କରିବେ ଏବଂ କର୍ତ୍ତବ୍ୟ ପାଳନ କରିବେ ।

* ସରପଞ୍ଚଙ୍କ ଅନୁପସ୍ଥିତି ସମୟରେ ଗ୍ରାମ ପଞ୍ଚାୟତ ବୈଠକରେ ନାଏବ ସରପଞ୍ଚ ପଞ୍ଚାୟତର କାର୍ଯ୍ୟ ଚଳାଇବେ ।

* ଗ୍ରାମ ପଞ୍ଚାୟତ ପାଣ୍ଠିରୁ ଟଙ୍କା ଉଠାଇବା ବେଳେ ଚେକ୍ ବହିରେ ସରପଞ୍ଚଙ୍କ ଦସ୍ତଖତ ସହିତ ନାଏବ ସରପଞ୍ଚ ମଧ୍ୟ ଦସ୍ତଖତ କରିବେ ।

## ୱାର୍ଡ ମେମ୍ବରଙ୍କ କ୍ଷମତା ଏବଂ କର୍ତ୍ତବ୍ୟ

ପଞ୍ଚାୟତିରାଜ ବ୍ୟବସ୍ଥାରେ ୱାର୍ଡମେମ୍ବରଙ୍କ ସକ୍ରିୟ ଅଂଶ ଗ୍ରହଣ ନିତାନ୍ତ ଆବଶ୍ୟକ । ସମ୍ବିଧାନ ୱାର୍ଡମେମ୍ବର ମାନଙ୍କୁ କେତେ ଗୁଡିଏ କ୍ଷମତା ପ୍ରଦାନ କରିଛି ।

ସେଗୁଡିକ ହେଲା :—

୧. ସରପଞ୍ଚଙ୍କୁ ଆଗରୁ ନୋଟିସ ଦେଇ ଯେ କୌଣସି ସମୟ ମଧ୍ୟରେ ଗ୍ରାମ ପଞ୍ଚାୟତର କାଗଜ ପତ୍ର ତଦାରଖ କରିପାରିବେ ।

୨. ଗ୍ରାମ ପଞ୍ଚାୟତର ପ୍ରଶାସନ ସମ୍ବନ୍ଧୀୟ ବିଷୟ ଉପରେ ପ୍ରସ୍ତାବ ଆଗତ କରିପାରିବେ ।

୩. ଗ୍ରାମ ପଞ୍ଚାୟତର କର୍ମକର୍ତ୍ତା ( ସରପଞ୍ଚ, ନାଏବ ସରପଞ୍ଚ, ସମ୍ପାଦକ) ଙ୍କୁ ପଞ୍ଚାୟତର ପ୍ରଶାସନ ସମ୍ବନ୍ଧୀୟ ବିଷୟ ଉପରେ ପ୍ରସ୍ତାବ ଆଗତ କରିପାରିବେ ।

୪. ଗ୍ରାମ ପଞ୍ଚାୟତ ଦ୍ୱାରା ପରିଚାଳିତ ସମସ୍ତ କାର୍ଯ୍ୟ ତଦାରଖ କରିପାରିବେ । ଏହି କାର୍ଯ୍ୟରେ କୌଣସି ଅନିୟମିତତା ଦେଖିଲେ ସରପଞ୍ଚଙ୍କୁ ଜଣାଇବେ ।

୫. ପଲ୍ଲୀସଭାର ବୈଠକରେ ସଭାପତିତ୍ୱ କରିବେ ।

୬. ଗ୍ରାମ ପଞ୍ଚାୟତରେ ସରପଞ୍ଚ ଏବଂ ନାଏବ ସରପଞ୍ଚ ଉଭୟଙ୍କ ସ୍ଥାନ ଖାଲି ପଡିଲେ କିମ୍ବା ଉଭୟ ୧୫ ଦିନ ପାଇଁ ଅନୁପସ୍ଥିତ ରହିଲେ, କୌଣସି ଜଣେ ୱାର୍ଡମେମ୍ବର ( ଅଫିସିଏଟିଂ) ସରପଞ୍ଚ ଭାବେ କାର୍ଯ୍ୟ ତୁଲାଇ ପାରିବେ

୭. ଏକାଦଶ ଅର୍ଥ କମିଶନଙ୍କ ତା ୦୭-୦୮-୨୦୦୧ର ନିର୍ଦ୍ଦେଶନାମା ଅନୁଯାୟୀ ଗ୍ରାମ୍ୟ ସ୍ତରୀୟ ସ୍ୱାସ୍ଥ୍ୟ କମିଟିରେ ଓ୍ୱାର୍ଡମେମ୍ବର ଅଧକ୍ଷ ରହିବେ ଏବଂ ସ୍ୱାସ୍ଥ୍ୟଗତ କାର୍ଯ୍ୟକ୍ରମ ସମ୍ପର୍କୀତ ନିଷ୍ପତ୍ତି ଓ କାର୍ଯ୍ୟକାରିତା ଉପରେ ସମୀକ୍ଷା କରିବେ ।

୮. ନିଶ୍ଚିତ ଶିକ୍ଷା ଯୋଜନା ଅନ୍ତର୍ଗତ ଗ୍ରାମ୍ୟ ଶିକ୍ଷା କମିଟିରେ ଜଣେ ସଭ୍ୟ ରହି ଶିକ୍ଷା ଦିଗରେ ତାଙ୍କର କର୍ତ୍ତବ୍ୟ ପାଳନ କରିବେ ।

## ଗ୍ରାମ ପଞ୍ଚାୟତ ସମ୍ପାଦକ ( ସେକ୍ରେଟାରୀ )ଙ୍କ କ୍ଷମତା ଓ କର୍ତ୍ତବ୍ୟ

ସମ୍ବିଧାନର ଦଫା ୧୨୩ରେ ଗ୍ରାମ ପଞ୍ଚାୟତ ସମ୍ପାଦକଙ୍କ କ୍ଷମତା, କର୍ତ୍ତବ୍ୟ ଓ କାର୍ଯ୍ୟ ବର୍ଣ୍ଣିତ ହୋଇଛି । ସେଗୁଡିକ ହେଲା:-

⇨ ଗ୍ରାମ ପଞ୍ଚାୟତ ବୈଠକର କାର୍ଯ୍ୟ ଧାରାର ବିବରଣୀ ଲେଖିବେ ।

⇨ ଗ୍ରାମ ପଞ୍ଚାୟତର ପରିଚାଳନାରେ ଥିବା ସମସ୍ତ କାର୍ଯ୍ୟର ରେକର୍ଡ ପତ୍ର, ଦଲିଲ୍, ଦସ୍ତାବିଜ, ଟଙ୍କା ଓ ମୂଲ୍ୟବାନ ସିକ୍ୟୁରିଟି ଗୁଡିକ ତାଙ୍କ ହେପାଜତରେ ରହିବ ।

⇨ ଗ୍ରାମ ପଞ୍ଚାୟତ ବୈଠକ ଯେଉଁଦିନ ହୋଇଥିବ ସେହିଦିନଠାରୁ ୭ ଦିନ ମଧ୍ୟରେ ସଂପୃକ୍ତ ବି.ଡି.ଓ. ଏବଂ ସବ୍-କଲେକ୍ଟରଙ୍କ ପାଖକୁ ବୈଠକ ବିବରଣୀର ଏକ ନକଲ ପଠାଇବେ ।

⇨ ସଂପାଦକଙ୍କ ଗୁପ୍ତ ଚରିତ୍ର ପଞ୍ଜିକାରେ ସରପଞ୍ଚ, ସଂପାଦକଙ୍କ କାର୍ଯ୍ୟ ଏବଂ ଚରିତ୍ର ସମ୍ବନ୍ଧରେ ତାଙ୍କର ବାର୍ଷିକ ମନ୍ତବ୍ୟ ଲିପିବଦ୍ଧ କରି ତାହା ପ୍ରତିବର୍ଷ ଅପ୍ରେଲ ମାସ ୩୦ ତାରିଖ ସୁଦ୍ଧା ବି. ଡି. ଓ. ଙ୍କ ପାଖକୁ ପ୍ରେରଣ କରିବେ ।

⇨ ଓଡିଶା ଗ୍ରାମ ପଞ୍ଚାୟତ ଆଇନ ୧୯୬୪ ଅଧିନରେ ହୋଇଥିବା ନିୟମାବଳୀ ଅନୁସାରେ ସଂପାଦକଙ୍କ ଉପରେ ନ୍ୟସ୍ତ କରାଯାଇଥିବା କର୍ତ୍ତବ୍ୟ ଓ କାର୍ଯ୍ୟାବଳୀକୁ ସେ ଜାଣିଶୁଣି କାର୍ଯ୍ୟକାରୀ ନ କଲେ କିମ୍ବା କାର୍ଯ୍ୟକାରୀ କରିବାକୁ ମନା କଲେ କିମ୍ବା ତାଙ୍କ ଉପରେ ନ୍ୟସ୍ତ କ୍ଷମତା ଅଧିକାରର ଅପ ବ୍ୟବହାର କଲେ କିମ୍ବା ତାଙ୍କ ଦ୍ୱାରା ଗ୍ରାମ ଶାସନର କ୍ଷତି ଘଟିଲେ କିମ୍ବା କୌଣସି ଅପରାଧ ଯୋଗୁଁ ସରକାର ଦ୍ୱାରା ଦଣ୍ଡିତ ହେଲେ ଗ୍ରାମ ପଞ୍ଚାୟତ ତାଙ୍କୁ ଚାକିରୀରୁ ଅନ୍ତର କରିପାରିବ ।

## ଗ୍ରାମ ପଞ୍ଚାୟତ ବୈଠକ

ଗ୍ରାମ ପଞ୍ଚାୟତକୁ ସୁଚାରୁ ରୂପେ ସଂପାଦନା କରିବା ପାଇଁ ଗ୍ରାମ ପଞ୍ଚାୟତ ପ୍ରତିନିଧି ମାନଙ୍କୁ ନେଇ ପ୍ରତି ମାସରେ ପଞ୍ଚାୟତ ବୈଠକ ଡକାଯାଇଥାଏ ।

- ପଞ୍ଚାୟତ ବୈଠକକୁ ସରପଞ୍ଚ ଡାକନ୍ତି ।
- ଏହି ବୈଠକରେ ସରପଞ୍ଚ ସଭାପତିତ୍ୱ କରନ୍ତି ।

- ଏହି ବୈଠକର ୭ ଦିନ ପୂର୍ବରୁ ନୋଟିସ ଦିଆ ଯାଏଥାଏ । ବୈଠକର ଆଲୋଚ୍ୟ ନିର୍ଦ୍ଦିଷ୍ଟ ପ୍ରସଙ୍ଗ ଉଲ୍ଲେଖ ରହିବ ଏବଂ ସମସ୍ତ ୱାର୍ଡ ମେମ୍ବର ମାନଙ୍କ ଅବଗତି ନିମନ୍ତେ ପଠାଯିବ । ଏହି ନୋଟିସ ଖାତାରେ ସମସ୍ତ ୱାର୍ଡ ମେମ୍ବର ଦସ୍ତଖତ କରିବେ ଏବଂ ଏହାର ଅବିକଳ ନକଲ ସଂପୃକ୍ତ ବି.ଡି.ଓ.ଙ୍କ ପାଖକୁ ପଠାଯିବ ।

- ପ୍ରତ୍ୟେକ ବୈଠକର ବିବରଣୀ ଗ୍ରା. ପ. ସଂପାଦକ ସ୍ୱଷ୍ଟ ଭାବେ ଓଡିଆ ଭାଷାରେ ଲେଖିବେ । ପ୍ରତି ବୈଠକ ଆରମ୍ଭରେ ସରପଞ୍ଚ କିମ୍ବା ସଂପାଦକ ପୂର୍ବ ବୈଠକର ବିବରଣୀ ପାଠ କରି ସଦସ୍ୟ ମାନଙ୍କୁ ଅବଗତ କରାଇବେ ।

- ଏହି ବୈଠକରେ ପଞ୍ଚାୟତ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ଉନ୍ନତୀମୂଳକ କାର୍ଯ୍ୟର ସ୍ଥିତି ଓ ଅଗ୍ରଗତି ସମ୍ବନ୍ଧୀୟ ଆଲୋଚନା କରାଯିବ ।

- ପଞ୍ଚାୟତର ଆୟ, ବ୍ୟୟ ହିସାବ ଉପରେ ଆଲୋଚନା କରାଯାଇ ସର୍ବ ସମ୍ମତି କ୍ରମେ ନିଷ୍ପତ୍ତି ନିଆଯିବ ।

- ବୈଠକରେ ପ୍ରସ୍ତାବିତ, ସମର୍ଥିତ ଏବଂ ସଂଶୋଧିତ ପ୍ରସ୍ତାବ ଗୁଡିକ ଆଲୋଚନା କରାଯିବ ।

- ପଞ୍ଚାୟତକୁ ଆସୁଥିବା ପରିଦର୍ଶନ ବିବରଣୀ, ସମୀକ୍ଷା ବିବରଣୀ, ପରିଦର୍ଶକ ମନ୍ତବ୍ୟ, ପରାମର୍ଶ ଓ ମତାମତକୁ ଆଲୋଚନା ପରିସର ଭୁକ୍ତ କରାଯିବ ଓ ଆବଶ୍ୟକତା ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯିବ ।

## ବିକାଶ ଧାରାରେ " ୱାର୍ଡ "

ୱାର୍ଡ ଏକ ଅଗ୍ରଣୀ ମହିଳା ସ୍ୱେଚ୍ଛାସେବୀ ସଂଗଠନ । ଏହା ୧୯୯୨ ମସିହା ଠାରୁ ଗ୍ରାମବାସୀ, ସରକାରୀ ତଥା ବେସରକାରୀ ଅନୁଷ୍ଠାନଙ୍କ ସହଯୋଗରେ ଗ୍ରାମାଞ୍ଚଳର ବିକାଶ ନିମନ୍ତେ ବିଶେଷ କରି ମହିଳା, ଶିଶୁ, ଆଦିବାସୀ, ହରିଜନ ଓ ସଂଖ୍ୟାଲଘୁ ସଂପ୍ରଦାୟ ମାନଙ୍କୁ ପ୍ରାଧାନ୍ୟ ଦେଇ କାର୍ଯ୍ୟ କରି ଆସୁଅଛି ।

**ଲକ୍ଷ୍ୟ - ପାରମ୍ପରିକ ଭାବରେ ସମାଜରେ ମହିଳା ମାନଙ୍କର ଯେଉଁ ସ୍ଥିତି ରହିଛି ( ସାମାଜିକ, ଶିକ୍ଷାଗତ, ମାନସିକ, ରାଜନୈତିକ ) ତାହାକୁ ବଦଳାଇବା ।**

**ଉଦ୍ଦେଶ୍ୟ - ଏ ଅଞ୍ଚଳରେ ଥିବା ମହିଳା ଓ ପୁରୁଷଙ୍କୁ ସଂଗଠିତ କରି ସ୍ଥିତିର କାରଣ ବିଷୟରେ ବୁଝାଇବା ସହିତ ସ୍ଥିତିର ପରିବର୍ତ୍ତନ ନିମନ୍ତେ ମହିଳା ମାନଙ୍କୁ ସଚେତନ କରି ମୁକ୍ତି କରିବାର ଦକ୍ଷତା ବୃଦ୍ଧି କରିବା ।**

**କ୍ଷେତ୍ର ପରିସର - କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ତେଲକୋଇ ବ୍ଲକ୍ ର ୨୨ଟି ଗ୍ରାମ ପଞ୍ଚାୟତର ୧୪୯ଟି ଗ୍ରାମ ଏବଂ ଦେବଗଡ ଜିଲ୍ଲା ଅନ୍ତର୍ଗତ ତିଲେଇବଣୀ ବ୍ଲକ୍ ର ୨ ଟି ଗ୍ରାମ ପଞ୍ଚାୟତର ୧୧ଟି ଗ୍ରାମ ।**

### -: ମୁଖ୍ୟ କାର୍ଯ୍ୟକ୍ରମ :-

- ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ ଓ ଦୃଢୀକରଣ ।
- ସ୍ୱାୟତ୍ତ ଶାସନ ବ୍ୟବସ୍ଥାର ଦୃଢୀକରଣ ।
- ସାମାଜିକ ଓ ଅର୍ଥନୈତିକ ଦିଗରେ ମହିଳା ମାନଙ୍କୁ ସଶକ୍ତିକରଣ ।
- ଗୋଷ୍ଠୀ ସ୍ୱାସ୍ଥ୍ୟ ପରିଚାଳନା ।
- ମା ଓ ଶିଶୁ ମୃତ୍ୟୁହାର କମାଇବା ।
- ଜଙ୍ଗଲ ଓ ପରିବେଶ ସୁରକ୍ଷା ।
- ଶିକ୍ଷାର ଅଭିବୃଦ୍ଧି ।
- ପ୍ରାକୃତିକ ସମ୍ବଳର ସଦୁପଯୋଗ କରି ଜୀବନ ଜୀବିକାର ଉନ୍ନତି ।
- ସୂଚନାର ଅଧିକାର ସମ୍ବନ୍ଧରେ ଜନ ସଚେତନତା ବୃଦ୍ଧି ।

ଯୋଗାଯୋଗ ଠିକଣା :-
ମମତା ବିଶ୍ୱାଳ
" ୱାର୍ଡ "
ଗ୍ରାମ-ଖଜୁରୀଆ, ପୋ.ଅ. - ଆକୁଳ
ଭା- ସିରିଗିଡା,
ଜି. - କେନ୍ଦୁଝର, ପିନ୍ - ୭୫୮୦୭୬
ଫୋନ - ୦୬୭୩୫ - ୨୬୪୦୪୧
Email: wordkjr@rediffmail.com

ପ୍ରିଣ୍ଟ - କମ୍ପ୍ୟୁଟର ସେଣ୍ଟର ତଳସାହି ରୋଡ ତେଲକୋଇ । ଫୋନ- ୦୬୭୩୫/୨୪୮୩୫୨